# ମତ୍ସ୍ୟ ପୋଖରୀ ଯୋଜନାର ଜିଲ୍ଲାସ୍ତରୀୟ ମନୋନୟନ କମିଟି ବୈଠକ ଅନୁଷ୍ଠିତ ।

ଜିଲ୍ଲାରେ ମତ୍ସ୍ୟ ପୋଖରୀ ଯୋଜନାରେ ହିତାଧିକାରୀ ମନୋନୟନ ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାର ସଠିକ କାର୍ଯ୍ୟକାରିତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ବିଭାଗ ଦ୍ୱାରା ପ୍ରଚଳିତ ଯୋଜନାରେ ହିତାଧିକାରୀ ଚୟନର ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ଦ୍ୱାରା ୪୮.୩୮ ହେକ୍ଟର ଜଳାୟତନ ବିଶିଷ୍ଟ ନୂତନ ପୋଖରୀ ଖନନର ଧାର୍ଯ୍ୟ ଲକ୍ଷ୍ୟ ଥିଲା । ଏଥି ନିମନ୍ତେ ବିଭିନ୍ନ ବ୍ଲକରୁ ମତ୍ସ୍ୟ ବିଭାଗ ଦ୍ୱାରା ହସ୍ତଗତ ହୋଇଥିବା ୫୨.୯୮ ହେକ୍ଟର ଜଳାୟତନ ବିଶିଷ୍ଟ ୯୪ ଗୋଟି ଆବେଦନ ପତ୍ର ଜିଲ୍ଲା ସ୍ତରୀୟ ମନୋନୟନ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା । ବୈଠକର ପ୍ରାରମ୍ଭରେ ଅନୁଗୋଳ ମଣ୍ଡଳର ଉପ-ମତ୍ସ୍ୟ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ଶାନ୍ତନୁ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଭୋଲା ଶଙ୍କର ବେହେରା ଓ ବ୍ୟାଙ୍କ ସମୁହର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଶ୍ରୀ ମହେଶ୍ୱ ଗୌଡଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।


GOVERNMENT OF ODISHA
2020